# D.A.V. PUBLIC SCHOOLS, POKHARIPUT, BBSR
## PERIODIC ASSESSMENT - 1 (2021-2022)
## CLASS – VI
## SUBJECT – LOWER ODIA

**TIME- 60 MINUTES** **Maximum Marks -40**

**ସାଧାରଣ ନିର୍ଦ୍ଦେଶାବଳୀ :-**

- ପ୍ରଶ୍ନପତ୍ରରେ ସର୍ବମୋଟ **୪୦ଟି ପ୍ରଶ୍ନ** ଅଛି ।
- ପ୍ରତ୍ୟେକ ପ୍ରଶ୍ନର **୪ଟି ( i ) (ii) (iii) (iv) ବହୁବୈକଳ୍ପିକ ଉତ୍ତର** ପ୍ରଦାନ କରାଯାଇଛି ।
- ସେଥିମଧ୍ୟରୁ ଠିକ୍ ଉତ୍ତରଟି ଉତ୍ତରମାଳାରେ ଚିହ୍ନିତ କର ।
- ସମସ୍ତ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ ।

❖ **ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପାଠକରି ପ୍ରଶ୍ନ (ସଂଖ୍ୟା ୧.ରୁ ୫. ପର୍ଯ୍ୟନ୍ତ )ଗୁଡ଼ିକର ଠିକ୍ ଉତ୍ତର ବାଛ ।** **(୪୦X୧=୪୦)**

କୋଣାର୍କ ଶବ୍ଦକୁ ବିଶ୍ଳେଷଣ କଲେ ଜଣାଯାଏ ଏହା ସଂସ୍କୃତ ଶବ୍ଦ କୋଣ ଓ ଅର୍କର ସଂଯୋଗରୁ ତିଆରି ହୋଇଛି । କୋଣର ଅର୍ଥ ହେଲା ଗୋଟିଏ ପାଖ ଅଥବା ଦୁଇଟି ଦିଗ ବା ରେଖାର ମିଳନ ସ୍ଥାନ ଓ ଅର୍କର ଅର୍ଥ ହେଲା ସୂର୍ଯ୍ୟ । ଏହି ମନ୍ଦିରଟି ସୂର୍ଯ୍ୟ ଦେବଙ୍କ ପାଇଁ ନିର୍ମିତ ହୋଇଥିବାରୁ ଜାଗାର ନାମ ତଦନୁସାରେ କୋଣାର୍କ ହୋଇଛି ବୋଲି ମତ ପୋଷଣ କରାଯାଏ । କୋଣାର୍କ ସୂର୍ଯ୍ୟ ମନ୍ଦିର ୧୩ଶ ଶତାବ୍ଦୀରେ ନିର୍ମିତ ହୋଇଥିଲା । ଏହାର ନାମଥିଲା କୋଣଗର । ‘‘କୋଣଗର’’ ନାମାନୁସାରେ ମନ୍ଦିରର ନାମ କୋଣାର୍କ ହୋଇଥିବ ବୋଲି ଅନୁମାନ କରାଯାଏ । ପ୍ରାୟ ୧୨୫୦ ଖ୍ରୀଷ୍ଟାବ୍ଦରେ ଉତ୍କଳର ଗଙ୍ଗବଂଶୀୟ ରାଜା ଲାଙ୍ଗୁଳା ନରସିଂହ ଦେବଙ୍କ ଦ୍ୱାରା ଏହି ମନ୍ଦିର ତୋଳାଯାଇଥିଲା।ଏହାକୁ ନିର୍ମାଣ କରିବାରେ ସେହି ସମୟର ପ୍ରାୟ ୧୨ ବର୍ଷର ରାଜସ୍ୱ ବ୍ୟୟ ହୋଇଥିଲା ତଥା ଏଥିରେ ୧୨୦୦ବଢେଇ ଲାଗିଥିଲେ ବୋଲି ଜଣାଯାଏ । ଏକ ବିଶାଳ ରଥାକୃତିର ଏହି ମନ୍ଦିରଟି ହେଉଛି ପଞ୍ଚରଥ ବିଶିଷ୍ଟ ଯହିଁରେ ପଥର ନିର୍ମିତ ଚକ, ସ୍ତମ୍ଭ ଓ କାନ୍ଥ ରହିଛି । ଏହା ମନ୍ଦିରଟି ଗଢିଉଠିଥିଲା ପ୍ରାଚୀ ନଦୀ ଓ ବଙ୍ଗୋପସାଗରର ସଙ୍ଗମ ସ୍ଥଳରେ । ସେ ଯୁଗରେ ଏହା ଏକ ପୋତାଶ୍ରୟୀ ବନ୍ଦର ଥିଲା । ପାଶ୍ଚାତ୍ୟ ଦେଶର ନାବିକମାନେ ଏହାକୁ କୃଷ୍ଣ ପାଗୋଡ଼ା ଓ ପୁରୀ ଜଗନ୍ନାଥ ମନ୍ଦିରକୁ ଶ୍ୱେତ ପାଗୋଡ଼ା ବୋଲି ନାମକରଣ କରିଥିଲେ । ଏହି ମନ୍ଦିରଦ୍ୱୟ ନାବିକଙ୍କ ନିମନ୍ତେ ପଥଚିହ୍ନ ଥିଲା ।

**୧ .କୋଣାର୍କ ମନ୍ଦିରର ଆକୃତି କିପରି?**

**(i)** ବର୍ଗାକୃତି
**(ii)** ଆୟତାକୃତି
**(iii)**ରଥାକୃତି
**(iv)** ମଣ୍ଡଳାକୃତି

୨. ପାଶ୍ଚାତ୍ୟ ଦେଶର ନାବିକମାନେ ପୁରୀ ଜଗନ୍ନାଥ ମନ୍ଦିରକୁ କେଉଁ ନାମ ଦେଇଥିଲେ ?

(i) କୃଷ୍ଣ ପାଗୋଡା

(ii) ନୀଳ ପାଗୋଡା

(iii) ଶ୍ୱେତ ପାଗୋଡ଼ା

(iv) ସବୁଜ ପାଗୋଡ଼ା

୩. କେଉଁ ନାମାନୁସାରେ ମନ୍ଦିରର ନାମ କୋଣାର୍କ ହୋଇଥିବ ବୋଲି ଅନୁମାନ କରାଯାଏ ?

(i) କୋଣଘର

(ii) କୋଣଗର

(iii)କୋଣସାର

(iv) କୋଣଅର

୪. କୋଣାର୍କ ମନ୍ଦିର କାହାର ସଙ୍ଗମ ସ୍ଥଳରେ ଅବସ୍ଥିତ ବୋଲି ଇତିହାସ କହେ ?

(i) ପୂର୍ବୀ ଓ ଭାରତ ମହାସାଗର

(ii) ପ୍ରାଚୀ ନଦୀ ଓ ବଙ୍ଗୋପସାଗର

(iii)ପ୍ରଭା ଓ ଆରବସାଗର

(iv) ମହାନଦୀ ଓ ବଙ୍ଗୋପସାଗର

୫.କୋଣାର୍କ ମନ୍ଦିର କେଉଁ ଶତାବ୍ଦୀରେ ନର୍ମିତ ହୋଇଥିଲା ?

(i) ୧୨୦୦

(ii) ୧୩୦୦

(iii) ୧୪୦୦

(iv) ୧୫୦୦

୬. 'ମର୍ତ୍ତ୍ୟ' ଶବ୍ଦର ଉପଯୁକ୍ତ ଅର୍ଥ କ'ଣ ହେବ ?

(i) ପୃଥିବୀ

(ii) ସୂର୍ଯ୍ୟ

(iii) ଚନ୍ଦ୍ର

(iv) ମଙ୍ଗଳ

୭.' ତୋଫା' ଶବ୍ଦର ଉପଯୁକ୍ତ ଅର୍ଥ କ'ଣ ହେବ ?

(i) ଉପହାର

(ii) ପୁରସ୍କାର

(iii) ଉଜ୍ଜ୍ୱଳ

(iv) ଅନ୍ଧକାର

୮. 'ଦୋସଡା' ଶବ୍ଦର ଉପଯୁକ୍ତ ଅର୍ଥ କ'ଣ ହେବ ?

**(i)** ଧୋତି

(ii) ଗାମୁଛା

(iii) ପାଇଜାମା

(iv) ଚଦର

୯. ନିମ୍ନଲିଖିତ ଶବ୍ଦଗୁଡ଼ିକ ମଧ୍ୟରୁ କେଉଁଟି ଯୋଡା ଶବ୍ଦ ଚିହ୍ନିତ କର ।

(i) ପାଣିପବନ

**(ii)** ପାଣିଚିଆ

(iii) ପଣିକିଆ

**(iv)** ପବନ

**୧୦. ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକ ମଧ୍ୟରୁ ଉପଯୁକ୍ତ ଯୋଡ଼ାଶବ୍ଦ ଚିହ୍ନଟ କର ।**

**a) ଭୀମ**

**b) ଗୌରବ**

**c) ବହିପତ୍ର**

**d) ବାରିଷ୍ଟର**

**(i)** (b) ଠିକ୍ କିନ୍ତୁ (a) , (c) ଓ (d) ଭୁଲ୍ ।

**(ii)** ଉଭୟ (a) ଏବଂ (d) ଠିକ୍ କିନ୍ତୁ (c) ଓ (b) ଭୁଲ୍ ।

**(iii)** କେବଳ (c) ଠିକ୍ (a) , (b) ଓ (d) ଭୁଲ୍ ।

**(iv)** (a) (b), (c) ଓ (d) ସମସ୍ତ ଭୁଲ୍ ।

୧୧. ନିମ୍ନଲିଖିତ ଶବ୍ଦଗୁଡ଼ିକ ମଧ୍ୟରୁ କେଉଁଟି ଯୋଡ଼ା ଶବ୍ଦ ଚିହ୍ନିତ କର ।

**(i)** ପ୍ରକୃତି

(ii) ଝରଣା

(iii) ଟିକିଟିକି

(iv) ପାହାଡ଼

୧୨. 'ସିନ୍ଧୁ' ଶବ୍ଦର ପ୍ରତିଶବ୍ଦ ଏଥିମଧ୍ୟରୁ କେଉଁଟି ହେବ ଚିହ୍ନିତ କର ।

**(i)** ସମୁଦ୍ର , ପାରାବାର

(ii) ବିନ୍ଦୁ , ଇନ୍ଦୁ

(iii) ନଦୀ ,ତଟିନୀ

(iv) ପର୍ବତ , ଗିରି

୧୩. 'ବନ' ଶବ୍ଦର ପ୍ରତିଶବ୍ଦ ଏଥିମଧ୍ୟରୁ କେଉଁଟି ହେବ ଚିହ୍ନିତ କର ।

**(i)** ଧନ, ସମ୍ପତ୍ତି

**(ii)** ବୃକ୍ଷ , ଲତା

**(iii)** ଜଙ୍ଗଲ ,ଅରଣ୍ୟ

**(iv)** ବିଶ୍ୱ , ପୃଥିବୀ

୧୪. 'ଧରା' ଶବ୍ଦର ପ୍ରତିଶବ୍ଦ ଏଥିମଧ୍ୟରୁ କେଉଁଟି ହେବ ଚିହ୍ନିତ କର ।

**(i)** ଧନ, ସମ୍ପତ୍ତି

**(ii)** ବୃକ୍ଷ , ଲତା

**(iii)** ଜଙ୍ଗଲ ,ଅରଣ୍ୟ

**(iv)** ମର୍ତ୍ତ୍ୟ, ପୃଥିବୀ

**୧୫. 'ଟିକିଟିକି ଧୂଳି କଣିକା --------- ହୋଇଛି ଧରା , - ନିମ୍ନକ୍ତୋ ଶବ୍ଦଗୁଡ଼ିକ ମଧ୍ୟରୁ ଉପଯୁକ୍ତ ଶବ୍ଦଦ୍ୱାରା ଶୂନ୍ୟସ୍ଥାନ ପୂରଣ କର ।)**

a) ଦିଶି

b) ଦେଖ

c) ମିଶି

d) ଗଢ଼ା

**(i)** (b) ଠିକ୍ କିନ୍ତୁ (a) , (c) ଓ (d) ଭୁଲ୍ ।

**(ii)** କେବଳ (c) ଠିକ୍ ଏବଂ (a) , (b) ଓ (d) ଭୁଲ୍ ।

**(iii)** ଉଭୟ (a) , ଓ (d) ଠିକ୍ କିନ୍ତୁ ଏବଂ (b) ଓ (c) ଭୁଲ୍ ।

**(iv)** (a) ଠିକ୍ କିନ୍ତୁ (b), (c) ଓ (d) ଭୁଲ୍

୧୬. ମଧୁବାବୁ ପ୍ରବେଶିକା ପରୀକ୍ଷାରେ ------------ ( ବିଷୟ ଆଧାରରେ ଶୂନ୍ୟସ୍ଥାନ ପୂରଣ କର । )

**(i)** ଖାଉଥିଲେ

**(ii)** ଗାଉଥିଲେ

**(iii)** ଲେଖୁଥିଲେ

**(iv)** ପାସ୍ କରିଥିଲେ

୧୭. ------------ ଦୟା ହୃଦୟୁ ଦେଇପାରେ ଯେ ନର , ( ବିଷୟ ଆଧାରରେ ଶୂନ୍ୟସ୍ଥାନ ପୂରଣ କର । )

**(i)** ଲବେଲବେ

**(ii)** ଡାକିଡାକି

**(iii)** କରୁଣାର

**(iv)** ଅନ୍ୟପାଇଁ

୧୮. 'କ' ସ୍ତମ୍ଭର ଶବ୍ଦ ସହିତ ସାମଞ୍ଜସ୍ୟ ଥିବା 'ଖ' ସ୍ତମ୍ଭକୁ ଯୋଗ କର ।

| | |
|---|---|
| **1.** ଦାରୁଣ | **(a)**ପରୀକ୍ଷା |
| **2.** କଷ୍ଟା | **(b)** ଗାଈ |
| **3.** ପ୍ରବେଶିକା | **(c)** ଅଭାବ |
| **4.** ଗୋଟିଏ ପଶୁର ନାମ | **(d)** ଲୁଗା |

**(i) 1-c ,2-b ,3-d ,4 -b ,**
**(ii) 1-a , 2-d , 3- c , 4 -b**
**(iii) 4-b,3-a,2-c,1-d**
**(iv) 1-c ,2-d ,3-a,4-b**

୧୯. 'କ' ସ୍ତମ୍ଭର ଶବ୍ଦ ସହିତ ସାମଞ୍ଜସ୍ୟ ଥିବା 'ଖ' ସ୍ତମ୍ଭକୁ ଯୋଗ କର ।

| | |
|---|---|
| **1.** କାଳି | **(a)**ମୁଣ୍ଡ |
| **2.** ନୁଖୁରା | **(b)** ଅନ୍ଧାର |
| **3.** କଅଁଳ | **(c)** ସହିଷ୍ଣୁତା |
| **4.** ଗୋଟିଏ ଗୁଣର ନାମ | **(d)** ଖରା |

**(i) 1-c ,2-b ,3-d ,4 -b ,**
**(ii) 1-b , 2-a , 3- d , 4 -c**
**(iii) 4-b,3-a,2-c,1-d**
**(iv) 1-c ,2-d ,3-a,4-b**

୨୦. "ତୋଫା କରନ୍ତି କ୍ଷିତି" ଶବ୍ଦର ଅର୍ଥ କଣ?

**(i)** ତୋପ ଫୁଟିଲା ପରି କ୍ଷତ ସୃଷ୍ଟି କରନ୍ତି।
**(ii)** ଉପହାର ଦିଅନ୍ତି।
**(iii)** ପୃଥିବୀକୁ ଉଜ୍ଜ୍ୱଳ କରନ୍ତି।
**(iv)** ଟୋପି ପିନ୍ଧିଲା ପରି ଦେଖା ଯାଆନ୍ତି।

୨୧. କୋଟି କୋଟି ତାରକା ଆକାଶରେ ଫୁଟି କ'ଣ କରନ୍ତି?

**(i)** ଯୁଦ୍ଧ କରନ୍ତି।
**(ii)** ଖେଳ କରନ୍ତି।
**(iii)** ଶବ୍ଦ କରନ୍ତି।
**(iv)** ରାତିର ଅନ୍ଧାର ଦୂର କରନ୍ତି।

**୨୨. ଟିକିଟିକି ଜଳବିନ୍ଦୁ ଆଖିକୁ ଦିଶୁନାହିଁ କାହିଁକି ?**

a) ଅତି କ୍ଷୁଦ୍ର ହୋଇଥିବାରୁ

b) ପବନ ବହୁଥିବା ଯୋଗୁଁ

c) ଶୀତ ଯୋଗୁଁ

d) ଗ୍ରୀଷ୍ମର ପ୍ରଭାବରୁ

**(i)** (b) ଠିକ୍ କିନ୍ତୁ (a) , (c) ଓ (d) ଭୁଲ୍ ।

**(ii)** ଉଭୟ (c) ଏବଂ (d) ଠିକ୍ କିନ୍ତୁ (a) ଓ (b) ଭୁଲ୍ ।

**(iii)** ଉଭୟ (c) , (d) ଏବଂ (b) ଠିକ୍ କିନ୍ତୁ (a) ଓ ଭୁଲ୍ ।

**(iv)** (a) ଠିକ୍ କିନ୍ତୁ (b), (c) ଓ (d) ଭୁଲ୍

**୨୩. ଦୟାମୟଙ୍କ ଚର କହିଲେ କ'ଣ ବୁଝାଏ?**

**(i)** ଦୟାବାନ ଚୋର

**(ii)** ଦୟାବାନ ପୋଲିସ

**(iii)** ଦୟା ନଥିବା ଚୋର

**(iv)** ଈଶ୍ୱରଙ୍କ ଦୂତ

**୨୪. ଜଙ୍ଗଲ କିପରି ଲୋକମାନଙ୍କର ଉପକାର କରୁଛି ?**

(i) ଲୋକଙ୍କୁ ଯାଦୁ ଦେଖାଇ

(ii) ଲୋକଙ୍କ ମନ ଚୋରେଇ

**(iii)** ଲୋକଙ୍କୁ କନ୍ଦାଇ କନ୍ଦାଇ

(iv) ଲୋକଙ୍କୁ ଖାଦ୍ୟ , ବସ୍ତ୍ର , ବାସଗୃହ ପ୍ରଦାନ କରି

**୨୫. ଟିକି ଟିକି କବିତାରୁ କି ଶିକ୍ଷା ମିଳୁଛି?**

**(i)** କୌଣସି ଜିନିଷ ଯଦି ଛୋଟ ପରିଲକ୍ଷିତ ହୁଏ ତାକୁ ବାହାର କରିଦେବା ଉଚିତ ।

**(ii)** କୌଣସି ଜିନିଷ ଯେତେ ଛୋଟ ହେଲେ ମଧ୍ୟ ଅଲୋଡ଼ା ନୁହେଁ ।

(iii) କୌଣସି ଛୋଟ ଜିନିଷକୁ ଆଦରିବା ଅନୁଚିତ ।

(iv) ସର୍ବଦା ବଡ଼ ବଡ଼ ଜିନିଷ ଉପରେ ଆଗ୍ରହ ରଖିବା ଉଚିତ ।

**୨୬.କେଉଁଥିରେ ଧରା ଗଢା ହୋଇଛି ?**

**(i)** ଟିକି ଟିକି ଅଗ୍ନି କଣିକା ମିଶି ଧରା ଗଢ଼ା ହୋଇଛି ।

(ii) ଟିକି ଟିକି ଧୂଳି କଣିକା ମିଶି ଧରା ଗଢ଼ା ହୋଇଛି ।

**(iii)** ଟିକି ଟିକି ହିମ କଣିକା ମିଶି ଧରା ଗଢ଼ା ହୋଇଛି ।

(iv) ଟିକି ଟିକି ଅମୃତ କଣିକା ମିଶି ଧରା ଗଢ଼ା ହୋଇଛି ।

**୨୭. କେଉଁ ନର ଦୟାମୟଙ୍କ ଚର ବୋଲାଏ ?**

**(i)** ଯିଏ ଦୟାମୟ ପାଇଁ ଚୋରି କରେ ।

**(ii)** ଯିଏ ଦୟାମୟଙ୍କ ଘରେ ଚୋରି କରେ ।

**(iii)** ଯିଏ ଦୟାମୟଙ୍କ ପାଖରେ ଚାକିରୀ କରେ ।

**(iv)** ଯିଏ ଲୋକଙ୍କ ଦୁଃଖ ଦୁର୍ଦ୍ଦଶାରେ ଅକ୍ଲେ ବହୁତ ସହାୟତାର ହାତ ବଢ଼ାଇଥାଏ ।

**୨୮. ପରକୁ କିପରି ଆପଣାର କରିହୁଏ ?**

**a)** ଧନ-ସମ୍ପତ୍ତି ପ୍ରଦାନ କରି

**b)** ମଧୁର କଥା କହି

**c)** କ୍ରୋଧ ପରିପ୍ରକାଶ କରି

**d)** ଘୃଣା କରି

**(i)** (b) ଠିକ୍ କିନ୍ତୁ (a) , (c) ଓ (d) ଭୁଲ୍ ।

**(ii)** ଉଭୟ (c) ଏବଂ (d) ଠିକ୍ କିନ୍ତୁ (a) ଓ (b) ଭୁଲ୍ ।

**(iii)** ଉଭୟ (c) , (d) ଏବଂ (b) ଠିକ୍ କିନ୍ତୁ (a) ଓ ଭୁଲ୍ ।

**(iv)** (a) , (b) , (c) ଭୁଲ୍ ଓ (d) ଠିକ୍

**୨୯. " ପାଠ ପଢ଼ିବି , କାଳିଆ ଘୋଡ଼ାରେ ଚଢ଼ିବି , ମଧୁବାବୁ ସଙ୍ଗେ ଲଢ଼ିବି । " ଏ ଢଗଟି କାହା ମୁହଁରୁ ଶୁଣିବାକୁ ମିଳେ ?**

a) ସୁଦାମ ମୁହଁରୁ

b) ମଧୁବାବୁଙ୍କ ମୁହଁରୁ

c) ଲୋକମାନଙ୍କ ମୁହଁରୁ

d) କାହାରି ମୁହଁରୁ ନୁହେଁ

**(i)** (b) ଠିକ୍ କିନ୍ତୁ (a) , (c) ଓ (d) ଭୁଲ୍ ।

**(ii)** ଉଭୟ (a) ଏବଂ (d) ଠିକ୍ କିନ୍ତୁ (c) ଓ (b) ଭୁଲ୍ ।

**(iii)** କେବଳ (c) ଠିକ୍ (a) , (b) ଓ (d) ଭୁଲ୍ ।

**(iv)** (a) (b), (c) ଓ (d) ସମସ୍ତ ଠିକ୍ ।

**୩୦. ମଧୁସ୍ମୃତି କୋଠରି କେଉଁଠି ଅଛି?**

**(i)** ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚବିଦ୍ୟାଳୟରେ

**(ii)** ତୁଳସୀ ମୁଣ୍ଡା ମହିଳା ଉଚ୍ଚବିଦ୍ୟାଳୟରେ

**(iii)** ଶୈଳବାଳା ମହିଳା ଉଚ୍ଚବିଦ୍ୟାଳୟରେ

**(iv)** ରେଭେନ୍ସା ଉଚ୍ଚବିଦ୍ୟାଳୟରେ

୩୧.ଉତ୍କଳ ଟ୍ୟାନେରୀରେ କ'ଣ ତିଆରି ହେଉଥିଲା ?

(i) ଛତା

(ii) ଗହଣା

(iii) ତାରକାସି କାରୁକାର୍ଯ୍ୟ

(iv) ଜୋତା

୩୨.ମଧୁବାବୁ କେଉଁ ଜାଗାରେ ଘର ତୋଳାଇ ଜୀବନର ଶେଷ ପର୍ଯ୍ୟନ୍ତ ରହିଥିଲେ?

(i) ବିଡାନାସୀ

(ii) କଲିକତା

(iii) ବିହାରୀବାଗ

(iv) ମିଶନରୋଡ

୩୩.ମଧୁବାବୁ କଟକର କେଉଁ ଜାଗାରେ ରହି ପ୍ରଥମେ ଅଦାଲତରେ ଓକିଲାତି ଆରମ୍ଭ କରିଥିଲେ ?

(i) ବିହାରୀବାଗ

(ii) ମିଶନରୋଡ

(iii) ଜେଲରୋଡ

(iv) ବିଡାନାସୀ

୩୪.ମଧୁବାବୁ କେବେ କଲିକତା ଛାଡି କଟକ ଚାଲି ଆସିଲେ?

(i) ୧୮୮୦

(ii) ୧୯୧୦

(iii) ୧୯୮୦

(iv) ୧୮୧୦

୩୫.ମଧୁବାବୁ କେବେ ଉତ୍କଳ ଟ୍ୟାନେରୀ କାରଖାନା ବସାଇଲେ?

a) ୧୮୦୫

b) ୧୯୦୫

c) ୧୮୫୦

d) ୧୯୫୦

**(i)** କେବଳ (a) ଠିକ୍ ଏବଂ (b) , (d) ଓ (c) ଭୁଲ୍ ।

**(ii)** ଉଭୟ (c) ଏବଂ (d) ଠିକ୍ କିନ୍ତୁ (a) ଓ (b) ଭୁଲ୍ ।

**(iii)** କେବଳ (b) ଠିକ୍ କିନ୍ତୁ (a) , (c) ଓ (d) ଭୁଲ୍ ।

**(iv)** ସମସ୍ତ (a) , (b) , (c) ଓ (d) ଠିକ୍ ।

**୩୬.ମଧୁବାବୁଙ୍କ ପ୍ରିୟ ଜଳଖିଆ କଣଥିଲା ?**

**(i)** ମୁଢ଼ି

**(ii)** ଚୁଡା

**(iii)** ଖଇ

**(iv)** ଖୁଦ

**୩୭.ମଧୁବାବୁଙ୍କ ଜନ୍ମ କେଉଁ ଗାଁରେ ହୋଇଥିଲା?**

**(i)** ସତ୍ୟବ୍ରତପୁର

**(ii)** ସତ୍ୟନାରାୟଣପୁର

**(iii)** ସତ୍ୟଭାମାପୁର

**(iv)** ସତ୍ୟଭୀମପୁର

**୩୮.ମଧୁବାବୁ କାହିଁକି ସୁଦାମ ଉପରେ ରାଗିଲେ?**

a) ସୁଦାମ ବାବୁଙ୍କ ଘରୁ ଚୋରି କରିଥିଲା।

b) ସୁଦାମ ସବୁବେଳେ ମିଛ କହୁଥିଲା।

c) ସୁଦାମ ଗରିବ ସ୍ତ୍ରୀ ଲୋକମାନଙ୍କଠାରୁ ପଇସା ନେଇ କ୍ଷୀର ବିକୁଥିଲା ।

d) ସୁଦାମ କାମରେ ଠକୁ ଥିଲା।

**(i)** କେବଳ (a) ଠିକ୍ କିନ୍ତୁ (b) , (c) ଓ (d) ଭୁଲ୍ ।

**(ii)** ଉଭୟ (c) ଏବଂ (d) ଠିକ୍ କିନ୍ତୁ (a) ଓ (b) ଭୁଲ୍ ।

**(iii)** କେବଳ (c) ଠିକ୍ କିନ୍ତୁ (a) , (b) ଓ (d) ଭୁଲ୍ ।

**(iv)** ସମସ୍ତ (a) , (b) , (c) ଓ (d) ଭୁଲ୍ ।

**୩୯. ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ପ୍ରଶ୍ନରେ ଧାରଣା ପାଇଁ (ଅ) ଏବଂ କାରଣ ନିମନ୍ତେ (ଆ) ଭାବରେ ଚିହ୍ନିତ ଦୁଇଟି ଉକ୍ତି ଅଛି । ନିମ୍ନରେ ଦିଆଯାଇଥିବା କୋଡ୍ ଅନୁଯାୟୀ ନିଜର ଉତ୍ତର ଚିହ୍ନିତ କର :**

**ଧାରଣା (ଅ): ପ୍ରତ୍ୟେକ ଶିଶୁଙ୍କ ମଧ୍ୟରେ ମହତ ଗୁଣ ଲୁଚି ରହିଛି ।**

**କାରଣ (ଆ) : ଭଗବାନଙ୍କ ସୃଷ୍ଟିରେ ପ୍ରତ୍ୟେକ ପ୍ରାଣୀ ପରସ୍ପରଠାରୁ ଭିନ୍ନ ହେଲେ ମଧ୍ୟ ସେମାନଙ୍କ ମଧ୍ୟରେ କିଛି ନା କିଛି ବିଶେଷ ଗୁଣ ଲୁଚି ରହିଛି । ସେହି ଲୁଚିରହିଥିବା ଗୁଣକୁ ପ୍ରକୃତ ପରିବେଶ ଯୋଗାଇଦେଲେ ତାହା ବିକଶିତ ହୋଇଥାଏ ।**

**(i)** ଉଭୟ (ଅ) ଏବଂ (ଆ) ସତ କିନ୍ତୁ (ଆ) (ଅ) ର ଠିକ୍ ବ୍ୟାଖ୍ୟା ନୁହେଁ ।

**(ii)** (ଅ) ସତ କିନ୍ତୁ (ଆ) ମିଥ୍ୟା ଅଟେ ।

**(iii)** (ଅ) ମିଥ୍ୟା କିନ୍ତୁ (ଆ) ସତ ଅଟେ ।

**(iv)** ଉଭୟ (ଅ) ଏବଂ (ଆ)ସତ୍ୟ ଏବଂ (ଆ) ହେଉଛି (ଅ) ରଠିକ୍ ବ୍ୟାଖ୍ୟା ।

**୪୦.** ୧୯୦୩ରେ ମଧୁସୂଦନଙ୍କ ବଳିଷ୍ଠ ନେତୃତ୍ୱରେ ଉତ୍କଳ ସମ୍ମିଳନୀର ଜନ୍ମଲାଭ କରିଥିଲା । ୧୯୩୬ ମସିହାରେ ଏପ୍ରିଲ ୧ ରେ ବ୍ରିଟିଶ ସରକାର ଭାଷା ଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିଥିଲେ। । କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ କୋରାପୁଟ ଛଅଟି ଜିଲ୍ଲାକୁ ନେଇ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଗଠନ ହୋଇଥିଲା । ଓଡ଼ିଶାର ନାମ ଉଦୟ ହେବା ପୂର୍ବରୁ ଉତ୍କଳ , କଳିଙ୍ଗ,କଙ୍ଗୋଦ ନାମରେ ତିନୋଟି ସ୍ୱାଧୀନ ଦେଶ ଥିଲା । କଳା , ସ୍ଥାପତ୍ୟ , ଖଣିଜ ସଂପଦ ଓ ପ୍ରାକୃତିକ ଦୃଶ୍ୟ ସମ୍ଭାର ନେଇ ଏ ଭୂମି ଅନନ୍ୟ ।

**ପ୍ରଶ୍ନ : କେଉଁ କେଉଁ ଜିଲ୍ଲାକୁ ନେଇ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଗଠନ ହୋଇଥିଲା ?**

a) କଟକ , ମୟୂରଭଞ୍ଜ , ବାଲେଶ୍ୱର ।

b) କଟକ , ପୁରୀ , କୋରାପୁଟ

c) ଭଦ୍ରକ , ଯାଜପୁର , କେନ୍ଦ୍ରାପଡ଼ା

d) ବାଲେଶ୍ୱର , ସମ୍ବଲପୁର , ଗଞ୍ଜାମ

**(i)** ଉଭୟ (a) ଏବଂ (b) ଠିକ୍ କିନ୍ତୁ (c) ଓ (d) ଭୁଲ୍ ।

**(ii)** ଉଭୟ (b) ଏବଂ (d) ଠିକ୍ କିନ୍ତୁ (a) ଓ (c) ଭୁଲ୍ ।

**(iii)** ଉଭୟ (c) ଏବଂ (a) ଠିକ୍ କିନ୍ତୁ (b) ଓ (d) ଭୁଲ୍ ।

**(iv)** ସମସ୍ତ (a) , (b) , (c) ଓ (d) ଠିକ୍ ।

**********************